# Akashvani, Sambalpur

## SAMBALPURI NEWS BULLETIN

### 2 June 2024- 6.47- 6.52 am.

*******************************************

ଶେଷ୍ ଖେପ୍ ନିର୍ବାଚନ୍          ଆର୍ଏନ୍ୟୁ/ କଟକ୍

ଦେଶେ ଶାନ୍ତିଶୃଙ୍ଖଳାଥି ଭୋଟ୍ ଶେଷ୍ ହେଇଛେ । ଅଷ୍ଟାଦଶ ଲୋକ୍ସଭା ଲାଗି ମୋଟ୍ ୭ ଟା ଖେପେ ସାଧାରଣ୍ ନିର୍ବାଚନ୍ ହେଇଥିଲା । ଲୋକ୍ସଭା ନିର୍ବାଚନ୍ ସହେତେ ଓଡ଼ିଶା, ଆନ୍ଧ୍ରପ୍ରଦେଶ୍, ଅରୁଣାଚଲ୍ ପ୍ରଦେଶ୍ ଆର୍ ସିକିମ୍ ବିଧାନ୍ସଭା ଲାଗି ଏକାସାଙ୍ଗେ ଭୋଟ୍ ହେଇଛେ ।

ଗଲାକାଏଲ୍ ଶେଷ୍ ଖେପେ ରାଏଜେ ରାତି ତକ୍ ୭୦ ଦଶ୍ମିକ୍ ୬/୭ ପ୍ରତିଶତ୍ ମତଦାନ୍ ହେଇଛେ । ସଂସଦୀୟ କ୍ଷେତ୍ର ମାନ୍କର୍ ଭିତ୍ରୁ ବାଲେଶ୍ୱର୍ ନ ୭୦ ଦଶ୍ମିକ୍ ୪/୧ ପ୍ରତିଶତ୍, ଭଦ୍ରକ୍ ନ ୭୦ ଦଶ୍ମିକ୍ ୩/୪ ପ୍ରତିଶତ୍, ଜଗତ୍ସିଂହପୁର୍ ନ ୭୩ ଦଶ୍ମିକ୍ ଶୂନ/୬ ପ୍ରତିଶତ୍, ଯାଜ୍ପୁର୍ ନ ୬୭ ଦଶ୍ମିକ୍ ୯/୧ ପ୍ରତିଶତ୍, କେନ୍ଦ୍ରାପଡ଼ା ନ ୬୮ ଦଶ୍ମିକ ୬/୪ ପ୍ରତିଶତ୍, ମୟୁର୍ଭଞ୍ଜ୍ ନ ୭୩ ଦଶ୍ମିକ୍ ୮/୧ ପ୍ରତିଶତ୍ ମତଦାନ୍ ହେଇଛେ । ସେନ୍ତା ୪୨ ଟା ବିଧାନ୍ସଭା ଆସନ୍ ଲାଗି

ହେଇଥିବା ଭୋଟ୍‌ଥି ବାଙ୍ଗିରିପୋଷି ନ ସବୁନୁ ଅଏତ୍‌କା ୭୭ ଦଶ୍‌ମିକ୍ ୫/୨ ପ୍ରତିଶତ୍ ଭୋଟ୍ ହେଇଥିବାର୍ ନିର୍ବାଚନ୍ ଆୟୋଗ୍‌ଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ସେଆଡ଼େ ଦେଶେ ଓଡ଼ିଶା ସହେତେ ୭ ଟା ରାଜ୍ୟ ଆର୍ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍ ନ ହେଇଥିବା ନିର୍ବାଚନ୍‌ଥି ରାତିତକ୍ ୬୨ ଦଶ୍‌ମିକ୍ ୩/୬ ପ୍ରତିଶତ୍ ମତଦାନ୍ ହେଇଛେ । ଇତାର୍ ଭିତ୍‌ରେ ପଶ୍ଚିମବଙ୍ଗ୍ ନ ସବୁନୁ ଅଏତ୍‌କା ୭୩ ଦଶ୍‌ମିକ୍ ୭/୯ ପ୍ରତିଶତ୍ ମତଦାନ୍ ହେଇଥିବାର୍ ସୂଚ୍‌ନା ମିଲିଛେ ।

ଅସ୍ୱାଭାବିକ୍ ମୃତ୍ୟୁ-ରାଷ୍ଟ୍ରପତି ଶୋକ

ଏନ୍‌ଏସ୍‌ଡି/ପ୍ରେସ୍‌ରିଲିଜ୍

ଦେଶର୍ ଖୋବ୍ ଇଲାକା ନ ଜବର୍ ଗରମ୍ ସାଙ୍ଗେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍ ବେଲେ ଲୋକ୍‌ମାନ୍‌କର୍ ମୃତ୍ୟୁ ଖବର୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକପ୍ରକାଶ୍ କରିଛନ୍ । ସେଆଡ଼େ ରାଏଜେ ଗଲା କାଏଲ୍‌ତକ୍ ୯୬ ଝନ୍‌କର୍ ଅସ୍ୱାଭାବିକ୍ ମୃତ୍ୟୁ ହେଇଥିବାର୍ ବେଲେ ୯ ଝନ୍‌କର୍ ଝାଉ ମାର୍‌ବାର୍‌ନୁ ଜୀବନ୍ ଯାଇଛେ ବଲି ସର୍‌କାରୀ ଭାବେ କୁହାଯାଇଛେ । ଇତାର୍‌ଛଡ଼ା ୬ ଝନ୍‌କର୍ ମୃତ୍ୟୁ ଝାଉଥି ନାଇଁ ହେଇଥିବାର୍ ବେଲେ ବାକି ୮୧ ଝନ୍‌କର୍ ମୃତ୍ୟୁ ବାବଦ୍ ତଦନ୍ତ୍ ଚାଲିଛେ । ମୁଖ୍ୟ ଶାସନ୍ ସଚିବ

ପ୍ରଦୀପ୍ କୁମାର୍ ଜେନା ଆର୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତ୍ୟବ୍ରତ ସାହୁ ଭିନ୍ ଭିନ୍ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଥିତିର୍ ସମୀକ୍ଷା କରିଛନ୍ । ସମୀକ୍ଷା କର୍‌ବାର୍ ସଙ୍ଗେ ଗ୍ରୀଷ୍ମପ୍ରବାହ ଥିତିଥି ସତର୍କତା ନିୟମାବଲୀ ପାଲନ୍ ଉପ୍‌ରେ ଜୋର୍ ଦେଇଛନ୍ । ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଥିତି ଉପ୍‌ରେ ଦିନ୍‌ରାତି ନଜର୍ ରଖାଯାଇଛେ । ଅସ୍ୱାଭାବିକ୍ ମୃତ୍ୟୁର କାରଣ୍ ଜାନ୍‌ବାର୍‌କେ ରାଜସ୍ୱ ଆର୍ ସ୍ୱାସ୍ଥ୍ୟ ଅଧିକାରୀମାନେ ମିଲିତ୍ ଭାବେ ତଦନ୍ତ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଲୁକେ ଦିନର୍ ୧୦- ୧୧ ବଜୁ ଉପର୍‌ବେଲା ୩ ବଜାତକ୍ ଖୋବ୍ ଦର୍‌କାର୍ ନାଇଁଥିଲେ ବାହାର୍‌କେ ନାଇଁ ବାହାରବାର୍‌କେ କୁହାଯାଇଛେ ।  ଖୋବ୍ ଦର୍‌କାର୍ ଥିଲେ ସାଙ୍ଗେ ଛତା, ପାଏନ୍‌ବୁତଲ୍ ଆର୍ ଉଦା ଅଙ୍ଗ୍‌ଛି ଧରିକରି ଯିବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ଯୁକ୍ତ ଦୁଇ ନାଁଲେଖା  ପ୍ରେସ୍ ରିଲିଜ୍

ରାଏଜେ ଚଲ୍‌ତି ୨୦୨୪-୨୫ ଶିକ୍ଷା ବଛ୍‌ରେ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ, ଧନ୍ଦାମୂଲକ୍ ଶିକ୍ଷା ଆର୍ ଉପଶାସ୍ତ୍ରୀ ବିଭାଗ୍‌ର ୧୧ କ୍ଲାସ୍‌ଥି ନାଁଲେଖା ଆବେଦନ୍ ପ୍ରକ୍ରିୟା ଆଏବା ୬ ତାରିଖ୍‌ନୁ

ମୁଲ୍ ହେବା । ୧୦ କ୍ଲାସ୍ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍ www.samsodisha.gov.in ଜରିଆଥି ନାଁ ଲେଖାବାର୍କେ ଦର୍ଖାସ୍ତ କରିପାର୍ବେ । ଇ ବାବ୍ଦେ ଅଏତ୍କା ସୂଚ୍ନା ସାମ୍ସ ପୋର୍ଟାଲ୍ଥୁ ମିଲିପାର୍ବା ନାହେଲେ ହେଲ୍ପ ଲାଇନ୍ ନମ୍ବର୍ ୧୫୫-୩୩୫ ଆଉର୍ ୧୮୦୦-୩୪୫-୬୭୭୦ କେ ଡାଏଲ୍ କଲେ ଭିଲ୍ ସୂଚନା ମିଲିପାର୍ବା ।

ଓଜେଏସ୍ ୨୦୨୩ ପ୍ରିଲିମିନାରୀ ପରୀକ୍ଷା

ଆର୍ଏନ୍ୟୁ / ସମ୍ବଲପୁର

ଓଡ଼ିଶା ଲୋକସେବା ଆୟୋଗ୍ - ଓପିଏସ୍ସି ପରିଚାଲିତ୍ ଓଡ଼ିଶା ନ୍ୟାୟିକ ସେବା ଓଜେଏସ୍ ୨୦୨୩ ପ୍ରିଲିମିନାରୀ ପରୀକ୍ଷା ଆଏବା ୨୨ ତାରିଖ୍ ଦିନ ହେବା । ଇ ବାବ୍ଦେ ଓପିଏସ୍ସି ତର୍ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । ସୂଚ୍ନା ଅନ୍ସାରେ ଆଘୋନୁ ଇ ପରୀକ୍ଷା ଜୁନ୍ ୨୩ ତାରିଖ୍ ହେବାର୍କେ ଧାରିଜ୍ ହେଇଥିଲା । ପରୀକ୍ଷାର୍ ସମିଆ ଭିଲ୍ ବଦ୍ଲାଯାଇଛେ । ସଖାଲର୍ ୧୦ ବଜେ ବଦ୍ଲା ଉପର୍ବେଲା ୩ ବଜେନୁ ପରୀକ୍ଷା ହେବା । ପରୀକ୍ଷା ସମିଆ ଦେଢ଼୍ଘଂଟା ଧାରିଜ୍ ହେଇଥିବାର୍ ବେଲେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନ୍କୁ ଅଏତ୍କା ୩୦ ମିନିଟ୍ ସମିଆ ଦିଆଯିବା ।

ରାଜ୍ୟର୍ ୫ ଟା ଜୋନ୍‌ର ପରୀକ୍ଷାକେନ୍ଦ୍ରମାନ୍‌କୁ ପରୀକ୍ଷା ହେବା । ଖୋବ୍ ଜଲ୍‌ଦି ପରୀକ୍ଷା କେନ୍ଦ୍ର ତାଲିକା ବାହାରିବା ବଲି ଓପିଏସ୍‌ସି ତର୍‌ଫୁ କୁହାଯାଇଛେ ।

ବିଇଡ଼ି ପାଠ୍ୟକ୍ରମ୍- ନାଁଲେଖା- ଆବେଦନ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍‌ର ବିଇଡ଼ି ପାଠ୍ୟକ୍ରମ୍‌ଥି ନାଁଲେଖାର୍ ଲାଗି ଅନ୍‌ଲାଇନ୍ ଦର୍‌ଖାସ୍ତ ତାରିଖ୍ ଆଏବା ୭ ତାରିଖ୍ ତକ୍ ବଢ଼ାଯାଇଛେ ବଲି ଜାତୀୟ ଶିକ୍ଷକ୍ ଅନୁସନ୍ଧାନ୍ ଆର୍ ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍ ଏନ୍.ସି.ଇ.ଆର୍.ଟି. ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଇ ଦର୍‌ଖାସ୍ତ ତାରିଖ୍ ଆଘୋନୁ ମେ ୩୧ ତାରିଖ୍ ଧାରିଜ୍ ହେଇଥିଲା । ଆଗ୍ରହୀ ଛାତ୍ରଛାତ୍ରୀମାନେ ଏନ୍.ସି.ଇ.ଆର୍.ଟି ର ୱେବ୍‌ସାଇଟ୍ www.cee.ncert.gov.in ଆଉର୍ ହେଲ୍ପଲାଇନ୍ ନମ୍ବର୍ ୮୨୮୦୩-୩୭୧୮୯ ଆର୍ ୮୨୮୦୩-୩୭୧୯୦ ନୁ ଅଏତ୍‌କା ସୂଚ୍‌ନା ପାଇପାର୍‌ବେ ।

ବିଦ୍ୟାଲୟ, ଗଣଶିକ୍ଷା ବିଭାଗ୍‌ର ଦୁଇଦିନିଆ କର୍ମଶାଳା

ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବିଭାଗ୍‌ର ବରିଷ୍ଠ ଅଧିକାରୀ ଆର୍ କର୍ମଚାରୀମାନ୍‌କର୍ ଦୁଇଦିନିଆ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଅଶ୍ୱଥି ଏସ୍. ରାଜ୍ୟର୍ ବିଦ୍ୟାଲୟ ଶିକ୍ଷାର୍ ଗୁଣାତ୍ମକ ମାନ ବଢ଼ାବାର୍ ଉପ୍‌ରେ ଜୋର୍ ଦେଇଥିଲେ । କର୍ମଶାଳାଥି ଆଇଆଇଏମ୍ କୋଲ୍‌କାତାର୍ ପ୍ରଫେସର୍ ସୁରେନ୍ ସିଷ୍ଟା ଆର୍ ହରିଆଣା ସ୍କୁଲ୍ ଅଫ୍ ବିଜ୍‌ନେସ୍ ମେନେଜର୍ ପ୍ରଫେସର ସୁନୀତା ରାଣୀ ପ୍ରଶିକ୍ଷଣ୍ ଦେଇଥିବାର୍ ବେଲେ ବିଦ୍ୟାଲୟ ଆର୍ ଗଣଶିକ୍ଷା ବିଭାଗ୍‌ର ଶହେ ୨୦ ନୁ ଅଏତ୍‌କା ବରିଷ୍ଠ ଅଧିକାରୀ ଆର୍ କର୍ମଚାରୀ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍ ବେଲେ ଆଏବା କାଏଲ୍‌ତକ୍ ସମ୍ବଲ୍‌ପୁର୍, ବର୍‌ଗଡ୍, ସୁବର୍ଣ୍ଣପୁର୍, ବଲାଙ୍ଗିର୍ ଆର୍ ନୂଆପଡ଼ା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ଖରା ହେବା

ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ଗଲାକାଏଲ୍ ସଞ୍ଜ୍‌ବେଲେ ସମ୍ବଲ୍‌ପୁର୍ ଆର୍ ବର୍‌ଗଡ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇଥିବାର୍‌ନୁ ଲୁକେ ଗରମ୍‌ନୁ ଟିକେ ଆଶ୍ୱସ୍ତି ପାଇଛନ୍ ।